No. of Printed Pages : 4

# MMPC–005

## MASTER OF BUSINESS ADMINISTRATION / MASTER OF BUSINESS ADMINISTRATION IN BANKING AND FINANCE / MASTER OF BUSINESS ADMINISTRATION IN HEALTH CARE AND HOSPITAL MANAGEMENT / MASTER OF BUSINESS ADMINISTRATION (LOGISTICS & SUPPLY CHAIN MANAGEMENT) / MASTER OF BUSINESS ADMINISTRATION (CONSTRUCTION MANAGEMENT) (MBA/MBF/MBAHCHM/ MBALS/MBACN)

**Term-End Examination**

**June, 2026**

**MMPC-005 : QUANTITATIVE ANALYSIS FOR MANAGERIAL APPLICATIONS**

*Time : 3 Hours* *Maximum Marks : 100*

*(Weightage : 70%)*

ମୁଦ୍ରଣ ପୃଷ୍ଠା ସଂଖ୍ୟା : 4

# MMPC–005

## ମାଷ୍ଟର ଅଫ୍ ବିଜିନେସ୍ ଆଡ୍ମିନିଷ୍ଟ୍ରେସନ୍/ ମାଷ୍ଟର ଅଫ୍ ବିଜିନେସ୍ ଆଡ୍ମିନିଷ୍ଟ୍ରେସନ୍ ଇନ୍ ବ୍ୟାଙ୍କିଙ୍ଗ୍ ଏଣ୍ଡ୍ ଫାଇନାନ୍ସ୍/ ମାଷ୍ଟର ଅଫ୍ ବିଜିନେସ୍ ଆଡ୍ମିନିଷ୍ଟ୍ରେସନ୍ ଇନ୍ ହେଲ୍ଥ୍ କେୟାର୍ ଏଣ୍ଡ୍ ହସ୍ପିଟାଲ୍ ମ୍ୟାନେଜ୍ମେଣ୍ଟ୍/ ମାଷ୍ଟର ଅଫ୍ ବିଜିନେସ୍ ଆଡ୍ମିନିଷ୍ଟ୍ରେସନ୍ (ଲଜିଷ୍ଟିକ୍ ଏଣ୍ଡ ସପ୍ଲାଇ ଚେନ୍ ମ୍ୟାନେଜ୍ମେଣ୍ଟ୍)/ ମାଷ୍ଟର ଅଫ୍ ବିଜିନେସ୍ ଆଡ୍ମିନିଷ୍ଟ୍ରେସନ୍ (କନ୍ଷ୍ଟ୍ରକ୍ସନ୍ ମ୍ୟାନେଜ୍ମେଣ୍ଟ୍) (MBA/MBF/MBAHCHM/ MBALS/MBACN)

**ଟର୍ମ-ସମାପ୍ତି ପରୀକ୍ଷା**

**ଜୁନ୍ - 2026**

**MMPC-005 :** ପରିଚାଳନାଗତ ପ୍ରୟୋଗ ପାଇଁ ସଂଖ୍ୟାଗତ ବିଶ୍ଳେଷଣ

*ସମୟ : 3 ଘଣ୍ଟା* *ସର୍ବାଧିକ ନମ୍ବର : 100*

*(ମୂଲ୍ୟାଙ୍କନ -70%)*

*ନୋଟ୍ :* *(i)* *ବିଭାଗ A ରେ ଛଅଟି ପ୍ରଶ୍ନ ଅଛି, ପ୍ରତି ପ୍ରଶ୍ନର ମୂଲ୍ୟ 15, ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅନ୍ତୁ ।*

*(ii)* *ବିଭାଗ B ର ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଏବଂ ପ୍ରତି ପ୍ରଶ୍ନର ମୂଲ୍ୟ 40 । ଉଭୟ ପ୍ରଶ୍ନର ଉତ୍ତର ଦିଅନ୍ତୁ ।*

*(iii)* *କାଲ୍‌କୁଲେଟର ର ବ୍ୟବହାର କରିବାର ଅନୁମତି ଅଛି ।*

## ବିଭାଗ — A

1. ଏହି ମନ୍ତବ୍ୟଟିର ବୈଧତା ବିଷୟରେ ଆଲୋଚନା କର : "ଏକ ମାଧ୍ୟମିକ ଉତ୍ସ ପ୍ରାଥମିକ ଉତ୍ସ ପରି ନିର୍ଭରଯୋଗ୍ୟ ନୁହେଁ" । ତାହା ସହ ମାଧ୍ୟମିକ ତଥ୍ୟର ବିଭିନ୍ନ ପ୍ରକାର ଉତ୍ସ ବର୍ଣ୍ଣନା କର । ଏହି ତଥ୍ୟ ବ୍ୟବହାର କରୁଥିବା ସମୟରେ ନିଆଯାଉଥିବା ସତର୍କତାଗୁଡିକୁ ବର୍ଣ୍ଣନା କର ।

2. ଭାରିଏବିଲିଟି ମାପ କରିବା କହିଲେ କଣ ବୁଝ ? ପରିଚାଳନାଗତ ନିଷ୍ପତ୍ତି ଗ୍ରହଣ ପରିପେକ୍ଷୀରେ ଭାରିଆବିଲିଟି ମାପ କରିବାର ଗୁରୁତ୍ୱପୂର୍ଣ୍ଣତା ଆଲୋଚନା କର ।

3. 1000 ଏବଂ 2000 ଦୁଇଟି ବଡ ଆକାର ନମୁନାର ମିନ୍ ହେଉଛି ଯଥାକ୍ରମେ 67.5 ଏବଂ 68.0 । 2.5 ଷ୍ଟାଣ୍ଡାର୍ଡ଼ ଡେଭିଏସନ୍ ସହିତ ପ୍ରତ୍ୟେକ ସାଂପୁଲ୍ ର ମିନ୍ ଇକ୍ୱାଲିଟି ଟେଷ୍ଟ୍ କର ।(ଆବଶ୍ୟକ ସ୍ତରର ଗୁରୁତ୍ୱପୂର୍ଣ୍ଣତା 1.96 ରେ ଟେଷ୍ଟ୍ ଷ୍ଟାଟିଷ୍ଟିକ୍‌ର ହିସାବ କରାଯାଇଥିବା ମୂଲ୍ୟ ଦିଆଯାଇଛି ।)

4. 52ଟି କାର୍ଡ଼ ଗୁଚ୍ଛ ରୁ ଗୋଟିଏ କାର୍ଡ଼ ବାହାର କରାହେଲା । ଏହି କାର୍ଡ଼ଟି ଡାଇମଣ୍ଡ୍ କିମ୍ବା ଜାକ୍ ହୋଇଥିବାର ପ୍ରୋବାବିଲିଟି କେତେ ?(ମେନେ ରଖନ୍ତୁ ଯେ, ସେହି ତାସ୍ ପ୍ୟାକେଟ୍‌ରେ 13 ଟି ଡାଇମଣ୍ଡ୍ ଏବଂ 4ଟି ଜାକ୍ ଅଛି ।

5. ଧରାଯାଉ, 10.8 ଇଞ୍ଚ୍ ଭାରିଆନ୍ସ୍ ସହିତ ସୈନ୍ୟମାନଙ୍କର ମିନ୍ ଉଚ୍ଚତା ହେଉଛି 68.22 । ଏକ ରେଜିମେଣ୍ଟ୍ ର ସୈନ୍ୟ ସଂଖ୍ୟା 1000 ହୋଇଥିଲେ କେତେ ଜଣ ସୈନ୍ୟଙ୍କର ଉଚ୍ଚତା 6 ଫୁଟରୁ ଅଧିକ ବୋଲି ଆଶା କରିବେ । ସାଧାରଣ ବଣ୍ଟନ ଧରାଯାଉ ।(ମିନ୍ ଏବଂ ତୁମେ ହିସାବ କରିଥିବା ମୂଲ୍ୟ ଭିତରେ ପାର୍ଥକ୍ୟ ହେଉଛି 0.3749)

6. ନିମ୍ନଲିଖିତରୁ *ତିନୋଟି* ର ସଂକ୍ଷିପ୍ତ ଟିପ୍‌ପଣୀ ଲେଖ :

(a) ଡାଟା ଶ୍ରେଣୀ ଭୁକ୍ତକରଣର ପ୍ରକାର

(b) ବେୟସ୍ ର ଉପପାଦ୍ୟ

(c) ସିଷ୍ଟମେଟିକ୍ ସାଂପ୍ଲିଙ୍ଗ୍

(d) ଚି-ସ୍କୋୟାର୍ ଡିଷ୍ଟ୍ରିବ୍ୟୁସନ୍

(e) ମତାମତ ପୋଲ୍

## ବିଭାଗ — B

7. କୋରିଲେସନ୍ କଣ ? ଏହାର ଗୁଣଗୁଡିକ ଉଲ୍ଲେଖ କର ।ପୋଜିଟିଭ୍ ଏବଂ ନେଗେଟିଭ୍‌ର ପ୍ରଭାବ ବର୍ଣ୍ଣନା କର ।ପରଫେକ୍ଟ୍ ପୋଜିଟିଭ୍, ପରଫେକ୍ଟ୍ ନେଗେଟିଭ୍ ଏବଂ ଜିରୋ କୋରିଲେସନ୍‌କୁ ସ୍କାଟର୍‌ଡ୍ ଡାଇଗ୍ରାମ୍ ମାଧ୍ୟମରେ ଉପସ୍ଥାପନା କର ।

8. ବିଜ୍ଞାପନ ପ୍ରଚାରର ପ୍ରଭାବଶୀଳତା ମାପ କଲାବେଳେ ଏକ ଫାର୍ମ୍ ନିମ୍ନଲିଖିତ ସୂଚନା ସଂଗ୍ରହ କଲେ ।

| ବର୍ଷ | ଏଡ୍ ଖର୍ଚ୍ଚ (₹'000) | ସେଲ୍ସ୍ (ଲକ୍ଷରେ ₹) |
|---|---|---|
| 2015 | 12 | 5.0 |
| 2016 | 15 | 5.6 |
| 2017 | 15 | 5.8 |
| 2018 | 23 | 7.0 |
| 2019 | 24 | 7.2 |
| 2020 | 38 | 8.8 |
| 2021 | 42 | 9.2 |
| 2022 | 48 | 9.5 |

ବିଜ୍ଞାପନ ଖର୍ଚ୍ଚ ଉପରେ ସେଲ୍ସ୍ର ରିଗ୍ରେସନ୍ ଇକ୍ୱେସନ୍ ହିସାବ କର । ବିଜ୍ଞାପନ ଖର୍ଚ୍ଚ ₹ 60 ହଜାର ଟଙ୍କା ଥିବାବେଳେ ସମ୍ଭାବିତ ସେଲ୍ସ୍ ହିସାବ କର ।

× × × × ×